## ସଂକ୍ଷେପରେ



### ସତ୍‌ସଙ୍ଗ ମନ୍ଦିର ପ୍ରତିଷ୍ଠା

ପାରଳାଖେମୁଣ୍ଡି,୨୦।୧୧ (ସ୍ୱ.ପ୍ର.): ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ୍ ଅବାରସିଂ ପଞ୍ଚାୟତ ଅଧୀନ ଡୁବୁରୁବା ମଣ୍ଡଳୀ ଆନୁକୁଲ୍ୟରେ ମୁନିଙ୍ଗାଡିହିଁ ଗ୍ରାମରେ ବୁଧବାର ସତ୍‌ସଙ୍ଗ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଶବର ସମାଜ କଲ୍ୟାଣ ସମିତି ଆନୁକୁଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ କୃଷ୍ଣଚନ୍ଦ୍ର ଗମାଙ୍ଗ, ମାର୍ଗଦର୍ଶକ ଅରକ୍ଷର ମଣ୍ଡଳ, ସରପଞ୍ଚ ତ୍ରିନାଥ ନାୟକ, ଛେଳିଗଡ଼ ସମିତିସଭ୍ୟ ରାମଚନ୍ଦ୍ର ରଣସିଂହ ନାୟକ, ରାଜେନ୍ଦ୍ର ରଣସିଂହ ନାୟକ ଏବଂ ଡୁବୁରୁବା ମଣ୍ଡଳୀର ସଭାପତି ଦାଶରଥି ଗମାଙ୍ଗ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରଇତ, ମୁନିଙ୍ଗାଡିହିଁ କେନ୍ଦ୍ରର ଉପସଭାପତି ରାମ ରଇତ, ସମ୍ପାଦକ ନାରାୟଣ ମଣ୍ଡଳ, ସହ ସମ୍ପାଦକ ବାସୁଦେବ ବଡ଼ରଇତ ଏବଂ ଗ୍ରାମ ସଭାପତି ଦଣ୍ଡାସି ରଇତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅଞ୍ଚଳବାସୀ ଏଥିରେ ସହଯୋଗ କରିଥିଲେ।

### ଅଟୋରୁ ୭୦କିଲୋ ଗଞ୍ଜେଇ ଜବତ

ପାରଳାଖେମୁଣ୍ଡି,୨୦।୧୧(ସ୍ୱ.ପ୍ର.) : ଅଟୋରକ୍ସାରେ ଗଞ୍ଜେଇ ଚାଲାଣ ବେଳେ ଗଜପତି ଜିଲା ଆର୍. ଉଦୟଗିରି ଥାନା ପୋଲିସ ବୁଧବାର ୭୦ କିଲୋ ଗଞ୍ଜେଇ ଜବତ କରିଛି। ସୂଚନା ଅନୁଯାୟୀ ସକାଳେ ଏକ ଅଟୋରିକ୍ସା ନଂ-ଓଡି ୩୨ ୪୫୮୮ ରଣାଇଲଇ ଠାରୁ ନୂଆଗାଁ ଅଭିମୁଖେ ଯାଉଥିବାବେଳେ ପୋଲିସ ସନ୍ଦେହରେ ଅଟୋରିକ୍ସାକୁ ଅଟକାଇଥିଲା। ଯାଞ୍ଚ ସମୟରେ ସେଥିରେ ୫ବସ୍ତା ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପୋଲିସ ଗଞ୍ଜେଇକୁ ଜବତ କରିବା ସହ ନୂଆଗାଁ ଗ୍ରାମର ଯୋଗେନ୍ଦ୍ର ମଣ୍ଡଳଙ୍କୁ ଗିରଫ କରିଥିବା ଆର୍. ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ‘ଦିବ୍ୟାଙ୍ଗଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତୁ’

## ଜିଲାସ୍ତରୀୟ ବିଶ୍ୱ ଶ୍ରବଣବାଧିତ ଦିବସ

ପାରଳାଖେମୁଣ୍ଡି,୨୦।୧୧ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ବାଲାଜୀ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ସିସିଡି ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ଜିଲାସ୍ତରୀୟ ବିଶ୍ୱ ଶ୍ରବଣ ବାଧିତ ଦିବସ ପାଳିତ ହୋଇଛି। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ରବୀନ୍ଦ୍ରନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏସ୍‌ପି ସାରା ଶର୍ମା ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହ ଦିବ୍ୟାଙ୍ଗମାନଙ୍କୁ ଅସହାୟ ନ ଭାବି ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ ବୋଲି କହିଥିଲେ। ସେହିପରି ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ବିଭାଗ ରହିଛି, ଏହା ସେମାନଙ୍କ ସଶକ୍ତୀକରଣ ଦିଗରେ କାର୍ଯ୍ୟ କରିଥାଏ। ସରକାରଙ୍କ ବିଭିନ୍ନ ଯୋଜନାରେ ଦିବ୍ୟାଙ୍ଗମାନେ ସାମିଲ ହୋଇପାରିଲେ ସେମାନେ ନିଜକୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିପାରିବେ ବୋଲି କୁହାଯାଇଛି। ସେହିପରି ଓଡ଼ିଶା ବିକଳାଙ୍ଗ ମଞ୍ଚର ରାଜ୍ୟ ସଭାପତି ନିରଞ୍ଜନ ବେହେରା ଏବଂ ଜିଲା ଦିବ୍ୟାଙ୍ଗ ଅନୁଷ୍ଠାନ ‘‘ସମର୍ଥ’’ର ଜିଲା ସମ୍ପାଦକ ସନ୍ତୋଷ ମହାରଣା ଯୋଗଦେଇ ଭିନ୍ନକ୍ଷମଙ୍କୁ ସଶକ୍ତ କରିବର ଦିଗରେ ଉଦ୍ୟମ ଜାରି ରହିଥିବା କହିଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର କାର୍ଯ୍ୟକ୍ରମ ପରିଚାଳିକା ଶିବାନୀ ପାଣିଗ୍ରାହୀ ଯୋଗଦେଇ ଭିନ୍ନକ୍ଷମମାନଙ୍କ ଅଧିକାର ବିଷୟରେ କହିଥିଲେ। ଜିଲାର ଅଗ୍ରଣୀ ମାନସିକ ଅସୁସ୍ଥଙ୍କ ଅନୁଷ୍ଠାନ ‘‘ନିୟତି’’ର ସମ୍ପାଦକ ଶିକ୍ଷାବତ୍ ବିଚିତ୍ରାନନ୍ଦ ବେବର୍ତ୍ତା କାର୍ଯ୍ୟକ୍ରମକୁ ସମ୍ପାଦନା କରି ଦିବ୍ୟାଙ୍ଗମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିବାବେଳେ ୨ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର ବଣ୍ଟନ କରିଥିଲେ। ଶେଷରେ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁରୁ ନୃସିଂହ ପ୍ରସାଦ ପାଢୀଙ୍କ ନିର୍ଦ୍ଦେଶନାରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିସିଡିର ସଂଯୋଜକ ତପନ ପାଣିଗ୍ରାହୀ ଓ ଅନ୍ୟ କର୍ମଚାରୀମାନେ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଏସ୍‌ପିଙ୍କ ସହ ମଞ୍ଚାସୀନ ଅନ୍ୟ ଅତିଥିମାନେ।

# ଅତିରିକ୍ତ ଜିଲାପାଳ, ଡିଆର୍‌ଡିଏ ପିଡିଙ୍କୁ ବିଦାୟ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଜିଲାପାଳ, ଏସ୍‌ପି, ଅତିରିକ୍ତ ଜିଲାପାଳ, ଡିଆର୍‌ଡିଏ ପିଡି ଓ ଅନ୍ୟ ଅଧିକାରୀମାନେ।

ପାରଳାଖେମୁଣ୍ଡି,୨୦।୧୧ (ସ୍ୱ.ପ୍ର.)

ଗଜପତି ଜିଲାର ଅତିରିକ୍ତ ଜିଲାପାଳ ସ୍ୱଧାଦେବ ସିଂ ଏବଂ ଡିଆର୍‌ଡିଏ ପିଡି ଚଞ୍ଚଳ ରାଣାଙ୍କୁ ଅନ୍ୟ ଜିଲାକୁ ବଦଳି ହୋଇଥିବାବେଳେ ବୁଧବାର ଏହି ଦୁଇ ପ୍ରଶାସନିକ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଗଜପତି ଜିଲାପାଳ ଅନୁପମ ଶାହା ଏବଂ ଏସ୍‌ପି ସାରା ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ସହକାରୀ ଜିଲାପାଳ ଜୁବୁଲି ବେହେରାଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଉଭୟେ ନିଜ କାର୍ଯ୍ୟକାଳ ମଧ୍ୟରେ ଗଜପତି ଜିଲାରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିବା ସହ ତିତ୍‌ଲି ବାତ୍ୟା ପରିଚାଳନା ଦିଗରେ ମଧ ଉତ୍ତମ କାର୍ଯ୍ୟ କରିଥିଲେ। ସୂଚନାଯୋଗ୍ୟ ଅତିରିକ୍ତ ଜିଲାପାଳ ସିଂଙ୍କୁ ରାଉରକେଲାର ଅତିରିକ୍ତ ଜିଲାପାଳଭାବେ ଦାୟିତ୍ୱ ଦିଆଯାଇଥିବାବେଳେ ଡିଆର୍‌ଡିଏ ପିଡି ରାଣାଙ୍କୁ ମୟୂରଭଞ୍ଜ ଜିଲା ଡିଆର୍‌ଡିଏ ପିଡି ଦାୟିତ୍ୱ ପ୍ରଦାନ କରାଯାଇଛି। ଦୁଇ ଅଧିକାରୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ଏଠାରେ ଯେପରି ବିକାଶମୂଳକ କାର୍ଯ୍ୟକ୍ରମ ଚାଲିଥିଲା ନୂତନ ଦାୟିତ୍ୱରେ ଅନ୍ୟ ଜିଲାରେ ମଧ ତାହା ଜାରି ରହିବ।

## ସ୍କୁଲ୍‌ରେ ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା

ରାୟଗଡ଼(ଗଜପତି), ୨୦।୧୧ (ଡି.ଏନ.ଏ)

ରାୟଗଡ଼ ବ୍ଲକ୍ ସଦରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ସମୟାନୁବର୍ତ୍ତିତା ଓ ସ୍ୱଚ୍ଛତା ଆଣିବା ପାଇଁ ୫ଟି ଆଧାରରେ ଏହି ବ୍ୟବସ୍ଥା ଲାଗୁ ହୋଇଥିବା ପ୍ରଧାନଶିକ୍ଷୟିତ୍ରୀ ଏସ୍. ମଣିମାଳା କହିଛନ୍ତି। ବାୟୋମେଟ୍ରିକ୍ ବ୍ୟବସ୍ଥାର ଶୁଭାରମ୍ଭ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ପାଠୀ, ମନୋଜ ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଠିକାଦାର ମହାସଂଘର ବିକ୍ଷୋଭ, ଶୋଭାଯାତ୍ରା

## ୧୦ ଦଫା ଦାବି

ପାରଳାଖେମୁଣ୍ଡି,୨୦।୧୧(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ନିଖିଳ ଓଡ଼ିଶା ଠିକାଦାର ମହାସଂଘ ଗଜପତି ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ସ୍ଥାନୀୟ କ୍ଷୁଦ୍ର ଜଳସେଚନ ବିଭାଗ ନିକଟରୁ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା । ସେଠାରେ ୧୦ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶରେ ପ୍ରଦାନ କରାଯାଇଛି। ସଂଘର ମୁଖ୍ୟ ଦାବିଗୁଡ଼ିକ ହେଲା, ବ୍ୟବସ୍ଥା ନ ଥାଇ ନିର୍ମାଣ ସାମଗ୍ରୀ ପରିବହନ ସମୟରେ ଅନୁମତି ପତ୍ର ଏବଂ ରୟାଲଟି ରଶିଦ ଦାଖଲ ନିର୍ଦ୍ଦେଶର ପ୍ରତ୍ୟାହାର, ୨୦୧୪ରେ ସ୍ଥିରିକୃତ ସେଡ୍ୟୁଲ ରେଟ୍‌ର ପୁନଃ ଆକଳନ, ଜିଏସ୍‌ଟି ପାଇଁ ୧୦ପ୍ରତିଶତ ଅଧିକ ପ୍ରାପ୍ୟ ପ୍ରଦାନ, ଭାରତ ସରକାରଙ୍କ ଷ୍ଟାଣ୍ଡାର୍ଡ ଡାଟା ବୁକ୍‌ର ତୁରନ୍ତ ପ୍ରଚଳନ, ଭାରତ ସରକାରଙ୍କ ଟେଣ୍ଡର ନିୟମ ପ୍ରଚଳନ, ହାଇକୋର୍ଟର ବର୍ଦ୍ଧିତ ମୂଲ୍ୟ ସମ୍ପର୍କିତ ନିର୍ଦ୍ଦେଶ ଅନୁଯାୟୀ ପ୍ରାପ୍ୟ ପ୍ରଦାନ, ଶ୍ରମିକଙ୍କ ମଜୁରିର ଉଚିତ ନିର୍ଦ୍ଧାରଣ, କୌଣସି ବାହ୍ୟ ସର୍ତ୍ତ ବ୍ୟତୀତ ଲାଇସେନ୍ସ କ୍ଷମତା ଅନୁଯାୟୀ କାର୍ଯ୍ୟାଦେଶ, ବିଭିନ୍ନ ସଞ୍ଚୟ ପତ୍ର ମାଧ୍ୟମରେ ସିକ୍ୟୁରିଟି ପ୍ରଦାନ। ଆଗାମୀ ଦିନରେ ସମସ୍ତ ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରାଯିବ। ଯଦ୍ୱାରା ଜିଲାର ବିକାଶ ବାଧାପ୍ରାପ୍ତ ହେବ ବୋଲି ସଂଘ ପକ୍ଷରୁ ବରିଷ୍ଠ ଠିକାଦାର ଭରତ ଭୂଷଣ ମହାନ୍ତି କହିଛନ୍ତି। ସେହିପରି ନିଖିଳ ଓଡ଼ିଶା ଠିକାଦାର ମହାସଂଘର ଡାକରା କ୍ରମେ ଆଗାମୀ ୨୫ତାରିଖରେ ଭୁବନେଶ୍ୱରଠାରେ ଆନ୍ଦୋଳନ ସହ ସମସ୍ତ ଦାବି ଉପସ୍ଥାପନ କରାଯିବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଗଜପତି ସଂଘର ସଂଜୟ ଅଧିକାରୀ, ଜେ. ଭାର୍ଗବ, ସବିତ ସାହୁ, ପ୍ରଭୁ ପାଣିଗ୍ରାହୀ, ସି.ଏଚ୍. ଲୋକନାଥମ, ଏ. ଶେଖରଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଠିକାଦାର ଉପସ୍ଥିତ ଥିଲେ।


ରାୟଗଡ଼ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷକଙ୍କ ଉପସ୍ଥିତିରେ ବାୟୋମେଟ୍ରିକ୍ ବ୍ୟବସ୍ଥାର ଶୁଭାରମ୍ଭ କରାଯାଉଛି।





ଯେଉଁମାନେ ସମାଜରୁ ଅଧିକ ନିଅନ୍ତି ଓ ସମାଜକୁ କିଛି ଦିଅନ୍ତି ନାହିଁ, ସେହିମାନେ ହିଁ ଅସୁର ପଦବାଚ୍ୟ।

-ଆରିଷ୍ଟଟଲ୍



## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ମନ୍ଦିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ଦାମନଯୋଡ଼ି,୨୦।୧୧(ଡି.ଏନ୍.ଏ.): ନାଲ୍‌କୋ ଟାଉନଶିପ୍ ସେକ୍ଟର-୧ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସମିତିର ସଭାପତି ତଥା ନାଲ୍‌କୋ ମହାପ୍ରବନ୍ଧକ ରାମଚନ୍ଦ୍ର ତ୍ରିପାଠୀ ଓ ତାଙ୍କ ଧର୍ମପତ୍ନୀ ମମତା ତ୍ରିପାଠୀ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ତ୍ରିପାଠୀ ପ୍ରାୟ ୨ ବର୍ଷ ଧରି ମନ୍ଦିର ସଭାପତି ରହି ନିଷ୍ଠା ଓ ଯତ୍ନର ସହିତ ପରିଚାଳନା ଦାୟିତ୍ୱ ତୁଲାଇ ଆସୁଛନ୍ତି। ଚଳିତ ମାସ ଶେଷରେ ସେ ଚାକିରିରୁ ଅବସର ନେବେ। ତ୍ରିପାଠୀ ଏବେ ନାଲ୍‌କୋର ବାଷ୍ପ ଓ ଶକ୍ତି ପ୍ଲାଣ୍ଟର ମହାପ୍ରବନ୍ଧକ ରହିଛନ୍ତି। ସେହିପରି ଗତମାସରେ ଅବସର ନେଇଥିବା ସୌଭାଗ୍ୟ ବାରିକ ଓ ତାଙ୍କ ପତ୍ନୀ ସୁନୀତି ବାରିକଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଛି। ଉଭୟ ଦମ୍ପତିଙ୍କୁ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସମିତି ସଭାପତି ତଥା ନାଲ୍‌କୋ ମହାପ୍ରବନ୍ଧକ ନେତ୍ରାନନ୍ଦ ମହାରଣା, ମହାପ୍ରବନ୍ଧକ ବ୍ରଜକିଶୋର ଦାଶ, ଭୀମସେନ ପ୍ରଧାନ, ଅରୁଣ ଦାସ, ବିକାଶ ପଣ୍ଡା ଉପସ୍ଥିତ ଥିଲେ।

### ପୋଖରୀରୁ ମାଛ ଚୋରି ଅଭିଯୋଗ : ୨ ଗିରଫ

ଆସିକା,୨୦।୧୧(ଡି.ଏନ୍.ଏ.):ଆସିକା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମର ଏକ ପୋଖରୀରୁ ମାଛ ଚୋରି ଅଭିଯୋଗରେ ପୋଲିସ ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ସନ୍ତୋଷ ଦାସ ଓ ଯୋଗୀ ଦାସ । ଏ ନେଇ ଥାନାରେ ନଂ. ୪୪୨/୧୯ରେ ଏକ ମାମଲା ରୁଜୁ କରାଯାଇଛି । ପୋଲିସ ମାଛ ଓ ଜାଲ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ଭେଟନଇସ୍ଥିତ କେଉଟଲୁଣ୍ଡା ପଖୋରୀରୁ ରିତିମତ ମାଛ ଚୋରି ଚାଲିଥିଲା । ମାଛ ଚୋରଙ୍କୁ ଧରିବା ଲାଗି ବୁଧବାର ଗ୍ରାମର କେତେଜଣ ବ୍ୟକ୍ତି ପୋଖରୀ ନିକଟକୁ ଯାଇଥିବା ବେଳେ ଅଭିଯୁକ୍ତଦ୍ୱୟ ମାଛ ଧରୁଥିବା ଦେଖାଯାଇଥିଲା ।

### ବିଦ୍ୟୁତ୍ ଆଘାତରେ ଜଣଙ୍କ ମୃତ୍ୟୁ

ଆସିକା,୨୦।୧୧(ଡି.ଏନ୍.ଏ.): ଗାଙ୍ଗପୁର ଥାନା ଅନ୍ତର୍ଗତ କଳାସୁତା ଗ୍ରାମରେ ବୁଧବାର ମଧ୍ୟାହ୍ନରେ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ଜଣେ ପୂର୍ବତନ ସେନା କର୍ମଚାରୀ ଇନ୍ଦ୍ରମଣି ରାଉତ (୫୫) । ଇନ୍ଦ୍ରମଣି ନିଜ ଘରେ ତାର ସଜାଡୁଥିଲା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ । ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।

## ■ ବିଭିନ୍ନ ଦାବି ଜଣାଇଲେ ପେରିଫେରି ଅଞ୍ଚଳର ବାସିନ୍ଦା

# ବନ୍ଦ କରିଦେଲେ ଡି ଡ୍ୟାମ୍ ପାଣି

କୋରାପୁଟ/ଅନକାଡେଲି, ୨୦।୧୧(ସ୍ୱ.ପ୍ର.)

କୋରାପୁଟ ଜିଲା ଲମତାପୁଟ ବ୍ଲକ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପର ପେରିଫେରି ଅଞ୍ଚଳରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି। ଏନେଇ ୩ଟି ପଞ୍ଚାୟତର ବାସିନ୍ଦା ବୁଧବାର ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପର ଡି-ଡ୍ୟାମ୍ ମୁଖ୍ୟ ଟନେଲ ବନ୍ଦ କରିଛନ୍ତି। ଫଳରେ ବିଦ୍ୟୁତ ଉତ୍ପାଦନ ବନ୍ଦ ରହିଛି। ସେମାନଙ୍କ ଦାବି ହେଉଛି, ଜଳବିଦ୍ୟୁତ କେନ୍ଦ୍ର ଅଧୀନସ୍ଥ ଅନକାଡେଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଘରୋଇକରଣ କରା ନ ଯାଉ। ନୂତନ ପିଏଚସି ଦରକାର। ୩୦ ପ୍ରତିଶତ କୋଟା ଅନୁସାରେ ଓଡ଼ିଶାର କର୍ମଚାରୀଙ୍କୁ ନିଯୁକ୍ତି। ଘରୋଇକରଣ କରାଗଲେ, ଟେଣ୍ଡର ନେଇଥିବା ବ୍ୟକ୍ତି କିମ୍ବା ସଂସ୍ଥା ଅଞ୍ଚଳବାସିନ୍ଦାଙ୍କ ସ୍ୱାସ୍ଥ୍ୟ ସଂପର୍କିତ ୮ ଦଫା ଦାବି ମାନିବେ। ହାତ ଗୋଡ଼ ଭାଙ୍ଗିଥିବା ବ୍ୟକ୍ତିଙ୍କ ମାଗଣା ଚିକିତ୍ସା, ସିଟି ସ୍କାନ, ଏକ୍ସ-ରେ ବ୍ୟବସ୍ଥା, ଯେ କୌଣସି ରୋଗର ମାଗଣା ଅସ୍ତ୍ରୋପଚାର, ମାଗଣା ଔଷଧ, ମେଡିକାଲରେ ଆରଏସ୍‌ବିୱାଇ କାର୍ଡ ଲାଗୁ କରିବା ପାଇଁ ମାଛକୁଣ୍ଡ ପ୍ରକଳ୍ପ ପେରିଫେରି ଅଞ୍ଚଳବାସୀ ଦାବି କରିଛନ୍ତି। ଅନକାଡେଲି ସରପଞ୍ଚ ଜଗନ୍ନାଥ ହନ୍ତାଳ, ବାଦିଗଡ଼ ସରପଞ୍ଚ କୁଞ୍ଜଲତା ବାଡାଲ, ଚିକେନପୁଟ ସରପଞ୍ଚ ଚନ୍ଦ୍ରମା ଶିଶା, ବଡଡୁରାଲ ସରପଞ୍ଚ ପଦ୍ମା ଶିଶାଙ୍କ ସମେତ ୫ଟି ପଞ୍ଚାୟତର ସରପଞ୍ଚଙ୍କ ନେତୃତ୍ୱରେ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଅଧିକାରୀ ନ ଥିବା ଯୋଗୁ ଡି ଡ୍ୟାମ ଯାଇ ସେଠାରେ ପ୍ରକଳ୍ପକୁ ଯାଉଥିବା ପାଣି ବନ୍ଦ କରିଦେଇଥିଲେ ।



ପେରିଫେରି ଅଞ୍ଚଳବାସିନ୍ଦା ଡ୍ୟାମ୍ ପାଣି ବନ୍ଦ କରୁଛନ୍ତି ।

# ପରବରେ ବନ୍ଧୁଗାଁର ଲେମନ ଗ୍ରାସ୍ ଷ୍ଟଲକୁ ପ୍ରଥମ ପୁରସ୍କାର

କୋରାପୁଟ,୨୦।୧୧(ସ୍ୱ.ପ୍ର.)

ଚଳିତ ବର୍ଷ ରାଜ୍ୟସ୍ତରୀୟ ପରବ-୨୦୧୯ ମହୋତ୍ସବରେ ଜିଲାର ବନ୍ଧୁଗାଁ ବ୍ଲକରୁ ଆସିଥିଲା ଲେମନ ଗ୍ରାସ ତେଲ। ଏହାକୁ ବିକ୍ରି କରିବା ପାଇଁ ଆସି ପ୍ରାୟ ୬୦ ହଜାର ଟଙ୍କାର ତେଲ ବିକ୍ରି କରିଥିବାରୁ ଏହି ଟିମ୍‌କୁ ବୁଧବାର ଜିଲାପାଳ ମଧୁସୂଦନ ମିଶ୍ର ସମ୍ମାନିତ କରିଛନ୍ତି। ବନ୍ଧୁଗାଁ ବ୍ଲକରେ ଲେମନ ଗ୍ରାସ ତେଲ ୧ ଲିଟରକୁ ମାତ୍ର ୬୫୦ ଟଙ୍କା ବିକ୍ରି କରାଯାଉଥିବାବେଳେ ଚଳିତ ବର୍ଷ ଜିଲାପାଳଙ୍କ ନିର୍ଦ୍ଦେଶରେ ସେମାନେ ପରବରେ ଏକ ଷ୍ଟଲ ନେଇ ଏହି ଲେମନ ଗ୍ରାସ ତେଲକୁ ପ୍ରାୟ ୬୦ ହଜାର ଟଙ୍କାର ବିକ୍ରି କରି ରେକର୍ଡ କରିଛନ୍ତି। ପ୍ରଶାସନ ପକ୍ଷରୁ ଏହି ଲେମନ ଗ୍ରାସ୍‌କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସେମାନଙ୍କୁ ସମ୍ମାନିତ କରାଯାଇଛି। ପରବ ପଡ଼ିଆରେ ଏହି ଦଳ ଲେମନ ଗ୍ରାସ ତେଲ ଲିଟର ପ୍ରତି ୧୩୫୦ ଟଙ୍କାରେ ବିକ୍ରି କରିଛି। ଏହି ତେଲ କେଜି ପ୍ରତି ବଜାର ଦର ୧୮୫୦ ଟଙ୍କା ଥିବାବେଳେ ପରବରେ ଏହା ରିହାତି ଦିଆଯାଇ ଲିଟର ପ୍ରତି ମାତ୍ର ୧୩୫୦ ଟଙ୍କାରେ ବିକ୍ରି କରାଯାଇଥିଲା। ସେହିପରି ସେମିଳିଗୁଡ଼ା ଗେହ୍ଲାଗୁଡା ଗ୍ରାମର କନ୍ଧ ଗ୍ରାମବାସୀ ଅଦା ଆଚାର ପ୍ରସ୍ତୁତ କରି ଏସ୍‌ଏଚ୍‌ଜି ମାଧ୍ୟମରେ ପରବରେ ଭଲ ବ୍ୟବସାୟ କରିଥିବାରୁ ସେମାନଙ୍କ ମଧ ସମ୍ମାନିତ କରାଯାଇଥିବା ଓରମାସର ଜିଲା ସଂଯୋଜକ ରୋଶନ କାର୍ତ୍ତିକ ବୁଧବାର ସୂଚନା ଦେଇଛନ୍ତି।

# ଭତ୍ତା ପାଇଁ ୧୦୦ ଟଙ୍କା ଲେଖାଏ ଲାଞ୍ଚ

ଦଶମନ୍ତପୁର,୨୦।୧୧(ଡି.ଏନ୍.ଏ.)



ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ଦୋଲଦୋଲା ଗ୍ରାମରେ ଆଦିବାସୀ ସଂପ୍ରଦାୟର ଲୋକେ ବସବାସ କରନ୍ତି। ୮ ମାସ ତଳେ ୧୯ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦିଆଯିବାର ବ୍ୟବସ୍ଥା ହୋଇଥିଲା। ହିତାଧିକାରୀମାନେ ୫ କି.ମି. ଦୂର ଚାଲିଚାଲି ଯାଇ ପଞ୍ଚାୟତରେ ନାମ ପଞ୍ଜୀକରଣ କରି ନୂତନ ଭତ୍ତା ନେଇଥିଲେ। କେତେକ ହିତାଧିକାରୀ ୧୨୦୦ ଟଙ୍କା ଲେଖାଏଁ ଏକକାଳୀନ ଭତ୍ତା ପାଇଥିଲେ। କିନ୍ତୁ ଏହାପରେ ସେଠାକାର ଆଶାକର୍ମୀ ସବୁ ଘରକୁ ଯାଇ କହିଥିଲେ ଯେ, ହିତାଧିକାରୀଙ୍କ ଭତ୍ତା ପାଇଁ ସେ ବହୁତ କଷ୍ଟ କରିଛନ୍ତି। ଡାକ୍ତରଙ୍କଠାରୁ ପ୍ରମାଣପତ୍ର ପାଇଁ ବହୁବାର ମେଡ଼ିକାଲ ଦୌଡ଼ିଛନ୍ତି। ପ୍ରମାଣପତ୍ର ପାଇଁ ତାଙ୍କୁ ଖର୍ଚ୍ଚ ଦେବାକୁ ପଡୁଛି। ତାଙ୍କୁ କିଛି କମିଶନ ନ ଦେଲେ ସେ ଭତ୍ତା ଅର୍ଥ କାଟିଦେବେ। ଏଭଳି କହି ଆଶାକର୍ମୀ ଜଣକ ହିତାଧିକାରୀଙ୍କ ପିଛା ୧୦୦ ଟଙ୍କା ନେଇଥିବା ଲିମ୍ବେ ସାଉନ୍ତା, ଧନିୟ ସାଉନ୍ତା, ସଦା ସାଉନ୍ତା ଅଭିଯୋଗ କରିଛନ୍ତି। ଏପରିକି ସରପଞ୍ଚ ମଧ ଭତ୍ତା କରାଇଦେଇଛି କହି ପ୍ରତ୍ୟେକଙ୍କଠାରୁ ୧୦୦ ଟଙ୍କା ଲେଖାଏଁ ହାତଗୁଞ୍ଜା ନେଇଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ଏପରିକି ଜଣେ ଜଣେ ହିତାଧିକାରୀ ଭତ୍ତା କଟିଯିବା ଭୟରେ ୪୦୦ ଟଙ୍କା ଲେଖାଁ ମଧ ଦେଇଥିବା କହିଛନ୍ତି। ଏ ସଂପର୍କ ରେ ସମ୍ପୃକ୍ତ ଆଶାକର୍ମୀଙ୍କୁ ପଚାରିବାରୁ ସେ ଏହା ସ୍ୱୀକାର କରିବା ସହ ସେ ଏକା ପଇସା ନେଉନାହାନ୍ତି, ପ୍ରମାଣପତ୍ର ପାଇଁ ଡାକ୍ତରଙ୍କୁ ମଧ ୫୦ ଟଙ୍କା ଲେଖାଏଁ ଦେଉଥିବା କହିଛନ୍ତି।

## ମଦ ଜବତ, ୩ ଗିରଫ

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୨୦/୧୧(ଡି.ଏନ୍.ଏ.)

ବେଆଇନ ମଦ ବିକ୍ରି ଅଭିଯୋଗରେ ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ପୋଲିସ ୩ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଜପତି ଜିଲା ମୋହନା ବ୍ଲକ ବାଡେଗୁଡି ଗ୍ରାମର କାରସିନ ମାଝୀ, ଗଦାପୁର ପଞ୍ଚାୟତ ମେରାମା ଗ୍ରାମର ଭଜମନ ବିଶୋୟୀ ଓ ବ୍ରାହ୍ମଣୀଗାଁ ଓଡ଼ିଆ ସାହିର ସୁବାସ ବିଶୋୟୀ। ତାଙ୍କଠାରୁ ୧୨୦ ଲିଟର ମଦ ଜବତ ହୋଇଛି। ଏଥିସହ ଶତାଧିକ ଲିଟର ମହୁଲ ପୋଚକୁ ବ୍ୟବସାୟୀ ମାନେ ଚାଷ ଜମିରେ ପୋତି ରଖିଥିଲେ ତାକୁ ପୋଲିସ ବାହାର କରି ନଷ୍ଟ କରିଛି। ଏ ନେଇ ବ୍ରାହ୍ମଣୀଗାଁ ଥାନାରେ ନଂ. ୯୫/୯୬/୯୭/୧୯ରେ ମାମଲା ରୁଜୁ ହୋଇଛି।

## ■ ଏନ୍‌ଏଚ୍ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ

# ଭଙ୍ଗାଗଲା ୩୧ ବର୍ଷ ତଳର ଶୌଚାଳୟ



ରାଜପଥ କଡ଼ରେ ଥିବା ଶୌଚାଳୟକୁ ଭଙ୍ଗାଯାଉଛି ।

ଜୟପୁର,୨୦।୧୧(ନି.ପ୍ର./ଡି.ଏନ୍.ଏ.)

ଜୟପୁର ଦେଇ ଯାଇଥିବା ଜାତୀୟ ରାଜପଥ ୨୬ରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ସ୍ଥାନୀୟ ଜନତାଙ୍କ ଦାବିକୁ ଗୁରୁତ୍ୱ ଦେଇ ଉପଖଣ୍ଡ ପ୍ରଶାସନ ଏନ୍‌ଏଚ୍ ପାର୍ଶ୍ୱରେ ଥିବା ଶୌଚାଳୟକୁ ବୁଧବାର ଭାଙ୍ଗିଛି। ୧୯୮୮ରେ ଏହି ଶୌଚାଳୟ ନିର୍ମାଣ ହୋଇଥିବା ବେଳେ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଶୌଚାଳୟ ଭଙ୍ଗାଯିବା ସହ ବାରିଣିପୁଟ ଯାଏ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ଜବରଦଖଲ ହୋଇଥିବା ସମସ୍ତ ସ୍ଥାନକୁ ଉଚ୍ଛେଦ କରାଯିବ ବୋଲି ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ଅଜୟ ମହାନ୍ତି ପ୍ରକାଶ କରିଛନ୍ତି । ଏହି ଉଚ୍ଛେଦ ସମୟରେ ପୌର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ମହାନ୍ତି, ଅତିରିକ୍ତ ତହସିଲଦାର ମାନସ ପଟ୍ଟନାୟକ, ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି ଉପସ୍ଥିତ ଥିଲେ।



ଦାମନଯୋଡ଼ି ନାଲ୍‌କୋ ଟାଉନ୍‌ଶିପ୍ ମୁକ୍ତ ମଞ୍ଚରେ ବୁଧବାର ନାଟ୍ୟ ଚେତନା ଅନୁଷ୍ଠାନ ପକ୍ଷରୁ ‘ ନୂଆ’ ନାଟକ ମଞ୍ଚସ୍ଥ ହେଉଛି ।

## ହିଞ୍ଜିଳିକାଟୁ ହେବ ପ୍ରଥମ ଉଚ୍ଛିଷ୍ଟବିନମୁକ୍ତ ସହରାଞ୍ଚଳ

ହିଞ୍ଜିଳିକାଟୁ, ୨୦।୧୧(ଡି.ଏନ୍.ଏ.):

ହିଞ୍ଜିଳିକାଟୁ ପୌରାଞ୍ଚଳକୁ ସ୍ୱଚ୍ଛ, ସୁନ୍ଦର କରିବା ପାଇଁ ପ୍ରଶାସନିକ ସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସହରର ବିଭିନ୍ନ ଅଞ୍ଚଳରେ କଠିନ ବର୍ଜ୍ୟବସ୍ତୁର ଠିକ ପରିଚାଳନା ପାଇଁ ଗୁରୁତ୍ୱାରୋପ କରାଯାଉଛି। ଏହି ପୌରାଞ୍ଚଳକୁ ମଡ଼େଲ ଭାବେ ନିଆଯାଇ ରାଜ୍ୟର ପ୍ରଥମ ଉଚ୍ଛିଷ୍ଟବିନମୁକ୍ତ ଅଞ୍ଚଳ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମନୋରଞ୍ଜନ ସାହୁ କହିଛନ୍ତି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶ ପ୍ରକାରେ ଏଣିକି ହିଞ୍ଜିଳିକାଟୁ ସହରାଞ୍ଚଳର ବିଭିନ୍ନ ସାହି ବସ୍ତିରୁ ଉଚ୍ଛିଷ୍ଟବିନ ଉଚ୍ଛେଦ କରାଯିବ। ପ୍ରତିଦିନ ୨ରୁ ୩ଥର ଆର୍ବଜନା ସଂଗ୍ରହ ଗାଡ଼ି ସାହିରେ ବୁଲିବ। ପ୍ରତିଘରୁ ଗାଡ଼ିରେ ଆବର୍ଜନା ସଂଗ୍ରହ କରାଯାଉଛି କି ନାହିଁ ସ୍ୱଚ୍ଛସାଥୀ ଓ ସୁପରଭାଇଜରମାନେ ତଦାରଖ କରିବେ। ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁ ବିଚ୍ଛିନ୍ନକରଣ ପ୍ରକ୍ରିୟାରେ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯିବ। ଆଇନ ଅବମାନନା କରୁଥିବା ପରିବାରକୁ ସତର୍କ କରାଯିବା ସହ ଜରିମାନା ଆଦାୟ କରାଯିବ।

# ୫ ଦିନରେ ୫.୧ କୋଟିର କାରବାର

କୋରାପୁଟ,୨୦।୧୧(ସ୍ୱ.ପ୍ର.)

ଚଳିତ ବର୍ଷ ରାଜ୍ୟସ୍ତରୀୟ ପରବ-୨୦୧୯ରେ ଗତ ୫ ଦିନରେ ସମୁଦାୟ ୫ କୋଟି ୧୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ବୁଧବାର ଓରମାସର ଜିଲା ଅଧିକାରୀ ରୋଶନ କାର୍ତ୍ତିକ ପ୍ରକାଶ କରିଛନ୍ତି। ଚଳିତ ମାସ ୧୬ରୁ ୨୦ ତାରିଖ ଯାଏ ଚାଲିଥିବା ଲୋକ ମହୋତ୍ସବ ପରବରେ ଏହି କାରବାର ହୋଇଛି। ସେଥିରୁ ୧୬ ତାରିଖ ପରବର ଉଦ୍‌ଘାଟନୀ ଦିବସରେ ଓରମାସ ପକ୍ଷରୁ କରାଯାଇଥିବା ଜାତୀୟ ପଲ୍ଲିଶ୍ରୀ ମେଳା, ହସ୍ତଶିଳ୍ପ ଓ ବୟନ ଶିଳ୍ପ ପ୍ରଦର୍ଶନୀ, ଫୁଡ୍ ବଜାର ସମେତ ବିଭିନ୍ନ ସାମଗ୍ରୀର ୪୯ ଲକ୍ଷ ୪୪ ହଜାର ୦୧୨ ଟଙ୍କାର କାରବାର ହୋଇଥିଲା। ୧୭ ତାରିଖ ୨ କୋଟି ୨୫ ଲକ୍ଷ ୪୮ ହଜାର ୮୫୫ ଟଙ୍କା, ୧୮ରେ ଏକ କୋଟି ୨୨ ଲକ୍ଷ ୭୮ ହଜାର ୭୯୦ ଟଙ୍କା, ୧୯ରେ ୬୫ ଲକ୍ଷ ୪୯ ହଜାର ୯୩୬ ଟଙ୍କାର ବ୍ୟବସାୟ ହୋଇଥିବାବେଳେ ୨୦ ତାରିଖ ଶେଷ ଦିନରେ ୩୭ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ଓରମାସ ସୂଚନା ଦେଇଛି।

# ବସ-ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ

ବାଲିଗୁଡ଼ା,୨୦।୧୧.(ଡି.ଏନ.ଏ.)

ବାଲିଗୁଡ଼ା ଥାନା ଦଣ୍ଡପଦର ନିକଟରେ ବୁଧବାର ଏକ ଘରୋଇ ବସ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାରଙ୍ଗ ଗ୍ରାମର ଯୁଗଳ ପ୍ରଧାନ। ଏ ନେଇ ବାଲିଗୁଡ଼ା ପୋଲିସ ନଂ.୧୬୫/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପ୍ରକାଶ ଯେ, ଅପରାହ୍ନରେ ଯାତ୍ରୀବାହୀ ବସ୍ ବାଲିଗୁଡାରୁ ଫୁଲବାଣୀ ଯାଉଥିବା ସମୟରେ ଦଣ୍ଡପଦର ନିକଟରେ ବିପରିତ ଦିଗରୁ ଆସୁଥିବା ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଯୁଗଳଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡା ଉପଖଣ୍ଡ ଡାକ୍ତର ଖାନାକୁ ପଠାଇବା ସହ ବସ୍‌କୁ ଜବତ କରିଛି।

# ପାଣ୍ଡିରିମାଟିରେ ସଚେତନତା ଶିବିର

କୁନ୍ଦୁରା,୨୦।୧୧(ଡି.ଏନ୍.ଏ.)



ସଚେତନତା ଶିବିରରେ ପିଲାଙ୍କୁ ବହି ଖାତା ଭର୍ତ୍ତି ବ୍ୟାଗ୍ ବଣ୍ଟନ କରାଯାଉଛି ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କେରିମିଟି ପଞ୍ଚାୟତ ପାଣ୍ଡିରିମାଟିରେ ମହିଳା ବିକାଶ ସଙ୍ଗଠନ ଓ ମାତାଜୀ ଯୁବକ ସଂଘ ଆନୁକୂଲ୍ୟରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୁନ୍ଦୁରା ବ୍ଲକରୁ ଏହି ଅଞ୍ଚଳ ପ୍ରାୟ ୨୦ କି.ମି. ହୋଇଥିବା ବେଳେ ସରକାରୀ ବାବୁଙ୍କ ପାଦ ପଡ଼ିବା ସାତ ସପନ। ସାମାଜିକ କର୍ମୀ ଚନ୍ଦ୍ର ସଗରିଆ ଓ ଅଞ୍ଚଳବାସୀଙ୍କ ନେତୃତ୍ୱରେ ପ୍ରତିବର୍ଷ ଏଠାରେ ସମସ୍ତ ବିଭାଗର କର୍ମଚାରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥାଏ। ଚଳିତବର୍ଷ ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ରାଧାପ୍ରସାଦ ପାତ୍ର, ଅଧ୍ୟାପକ ଶ୍ୱେତ ବସନ୍ତ ରଥ, ଏବିଇଓ ତିଲୋତ୍ତମା ଗରଡ଼ା, ସ୍ୱାସ୍ଥ୍ୟ ଅଧିକାରୀ ହରିଶ୍ଚନ୍ଦ୍ର ପ୍ରଧାନ, କୁନ୍ଦୁରା ରେଞ୍ଜର ବିଶ୍ୱନାଥ ମାଣ୍ଡାଙ୍ଗି, ଲିମା ସରପଞ୍ଚ ଧନପତି ପରଜା, ମହିଳା ମଣ୍ଡଳ ସଭାପତି ବୁଦାଇ ପୂଜାରୀ, ପିଇଓ ପୂର୍ଣ୍ଣଚନ୍ଦ୍ର ସାବତ, କନ୍ଧ ସମାଜ ସଭାପତି ସୁନ୍ଦର ସାଆନ୍ତା ଯୋଗ ଦେଇଥିଲେ । ବିଭିନ୍ନ ସମୟରେ ପ୍ରଶାସନ ନିକଟରେ ଗୁହାରୀ କରିଥିଲେ ମଧ୍ୟ ପାଣ୍ଡିରିମାଟିରେ ବିଦ୍ୟାଳୟ ନ ଥିବାରୁ ସେଠାକାର ବାସିନ୍ଦା ନିଜ ଗାଁର ଜଣେ ମାଟ୍ରିକ୍ ପାସ୍ ଯୁବକଙ୍କୁ ଗ୍ରାମରେ ଥିବା ୪୦ ଜଣ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ମନୋନୀତ କରିଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଖାତା, ବହି ବଣ୍ଟନ କରାଯାଇଥିଲା।

# ଟୋକନ ବିରୋଧରେ ଚାଷୀ ଏକାଠି

ଜୟପୁର,୨୦।୧୧(ନି.ପ୍ର./ଡି.ଏନ୍.ଏ.)

ଧାନ ବିକିବାକୁ ଅନଲାଇନ ଟୋକନ ବ୍ୟବସ୍ଥାକୁ ବିରୋଧ କରି ଏହାକୁ ଜିଲାସ୍ତରୀୟ କରିବା ପାଇଁ ଦାବି କରିଛନ୍ତି ଜୟପୁରର ଚାଷୀ। ମନୋଜ ପାତ୍ରଙ୍କ ଆହ୍ୱାନରେ ଚାଷୀମାନେ ଜୟପୁର ଆରଏମ୍‌ସିରେ ଏଥିପାଇଁ ଏକାଠି ହୋଇଛନ୍ତି। ଜୟପୁର ଉପଖଣ୍ଡର କୁନ୍ଦୁରା, ବୈପାରିଗୁଡ଼ା, ବୋରିଗୁମ୍ମା, କୋଟପାଡ଼ ଓ ସଦର ଚାଷୀମାନେ ଏଥିରେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ଜଳସେଚିତ ଜମିରୁ ୧୯ କୁଇଣ୍ଟାଲ ଓ ଅଣସେଚିତ ଜମିରୁ ୧୩ କୁଇଣ୍ଟାଲ ଧାନ କିଣିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ଚାଷୀମାନେ ବିରୋଧ କରିଛନ୍ତି। ବର୍ଷାଦିନର ଚାଷରେ ଜଳସେଚିତ ଓ ଅଣ ଜଳସେଚିତ କ’ଣ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଆନାଲିସିସ ମେଶିନ ଦ୍ୱାରା ଧାନ କଟାଯାଉ ଥିବାରୁ ମୋଟରଚାଳିତ ମେଶିନ ମଣ୍ଡିରେ ଲଗାଇବା ପାଇଁ ଦାବି ହୋଇଛି। ଦାବି ସବୁ ପୂରଣ ନ ହେଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି । ଟୋକନ ବ୍ୟବସ୍ଥା ଉଚ୍ଛେଦ, ମଣ୍ଡିରେ ହିଁ ଭେଣ୍ଡର ରସିଦ ଦେବାର ବ୍ୟବସ୍ଥା କରିବା ଭଳି ଦାବି ରହିଛି। ଦାବିପତ୍ର ପ୍ରଦାନ ବେଳେ ନରେନ୍ଦ୍ର ପ୍ରଧାନ, ଜୟନ୍ତ ପଟ୍ଟନାୟକ, ଝାଡେଶ୍ୱର ସାହୁ, ସ୍ୱରୂପ ସାନ୍ତ୍ରା, ରାଧାକାନ୍ତ ଭଟ୍ଟ ଉପସ୍ଥିତ ଥିଲେ।



ଟୋକନ ବ୍ୟବସ୍ଥା ବିରୋଧରେ ଏକାଠି ହୋଇଥିବା ଜୟପୁର ଉପଖଣ୍ଡ ଅଞ୍ଚଳର ଚାଷୀମାନେ ।

## ଉପଜିଲାପାଳଙ୍କୁ ଦାବିପତ୍ର

## ସଂକ୍ଷେପରେ

### ଟ୍ରେନରୁ ଖସି ପଡି ଗୋଡ଼ କଟିଲା

ମାଲକାନଗିରି,୨୦ା୧୧(ଡି.ଏନ୍.ଏ.) ଭୁବନେଶ୍ୱର ରେଳ ଷ୍ଟେସନରୁ ବୁଧବାର କୋଟପାଡ ଆସୁଥିବା ଜଣେ ବ୍ୟକ୍ତି ଟ୍ରେନକୁ ଚଢିବା ବେଳେ ଖସିପଡିବାରୁ ତାଙ୍କର ଡାହାଣ ଗୋଡ ଆଣ୍ଠୁଠାରୁ ସମ୍ପୂର୍ଣ୍ଣ କଟିଯାଇଛି। କୋଟପାଡ ଥାନା ଅନ୍ତର୍ଗତ ସନୁଗାଁ ଗ୍ରାମର ହରିହର ବିନ୍ଧାଣିଙ୍କ ପୁଅ ତୁଳାରାମ ବିନ୍ଧାଣି (୪୫) କୌଣସି କାର୍ଯ୍ୟରେ ଭୁବନେଶ୍ୱର ଯାଇଥିଲେ। ବୁଧବାର ସେ ହୀରାଖଣ୍ଡ ଜଗଦଲପୁର ଟ୍ରେନରେ ଫେରିବାକୁ ରେଳ ଷ୍ଟେସନରେ ପହଞ୍ଚିଥିଲେ। ସେତେବେଳକୁ ଟ୍ରେନଟି ଛାଡିବା ଆରମ୍ଭ କରିଥିଲା। ତୁଳାରାମ ଟ୍ରେନରେ ଚଢିବା ସମୟରେ ଖସି ପଡି ଥିଲେ। ଫଳରେ ତାଙ୍କର ଡାହାଣ ଗୋଡ ଆଣ୍ଠୁଠାରୁ ସମ୍ପୂର୍ଣ୍ଣ କଟିଯାଇଥିଲା। ଘଟଣା ସ୍ଥଳରେ ରେଳବାଇ ପୋଲିସ ପହଞ୍ଚି ତାଙ୍କୁ ମେଡିକାଲ ପଠାଇଥିବା ଜଣାପଡିଛି।

### ୟୁନିସେଫ ପକ୍ଷରୁ ଜୀବନ ସମ୍ପର୍କ କାର୍ଯ୍ୟକ୍ରମ



କୋରୁକୋଣ୍ଡା ୨୦ା୧୧(ଡ଼ି.ଏନ.ଏ) ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନକମାମୁ ପଞ୍ଚାୟତ ନିଳାପାରି ଗ୍ରାମରେ ୟୁନିସେଫ ପକ୍ଷରୁ ଜୀବନ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲକାନଗିରିର ପ୍ରକଳ୍ପ ସଂଯୋଜକ ଜ୍ୟୋତିର୍ମୟୀ ଦାସ, ବାସନ୍ତୀ ପରିଡ଼ା ଓ ଗୁମ୍ମା ପ୍ରକଳ୍ପ ସଂଯୋଜକ ସରତାଜ ବାନୁ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିକର ଖାଦ୍ୟ, ବାଲ୍ୟବିବାହ, ଗୁଣି ଗାରେଡି ସମ୍ପର୍କରେ ସ୍ଥାନୀୟ ଏସଏଚଜି ଗ୍ରୁପର ମହିଳା ଓ ଗାଁ କଲ୍ୟାଣ ସମିତି ସଦସ୍ୟାଙ୍କୁ ସଚେତନ କରାଯାଇଥିଲା।

### ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳ ପାଲଟିଛି ଖେଳ ପଡ଼ିଆ

କୋରୁକୋଣ୍ଡା ୨୦ା୧୧(ଡି.ଏନ.ଏ)

ମାଲକାନଗିରି ଜିଲା କୋରୁକୋଣ୍ଡା ସଦରରେ ଥିବା ଏକମାତ୍ର ଖେଳ ପଡିଆ ବର୍ତ୍ତମାନ କେତେକ ଅସାମାଜିକ ବ୍ୟକ୍ତିଙ୍କ କବ୍‌ଜାରେ ଥିବା ଅଭିଯୋଗ ହେଉଛି। ସବୁଦିନ ସନ୍ଧ୍ୟାରେ ଏଠାରେ ସେମାନେ ଆଡ୍ଡା ଜମାଉଛନ୍ତି। ଫଳରେ ବିଭିନ୍ନ ସମୟରେ ଏଠାରେ ଅସାମାଜିକ କାର୍ଯ୍ୟ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ପଡିଆରେ କୋରୁକୋଣ୍ଡା ତଥା ଆଖପାଖ ଗ୍ରାମର ଲୋକେ ପ୍ରାତଃଭ୍ରମଣ କରନ୍ତି। ସ୍ଥାନୀୟ ଯୁବକ ମାନେ କ୍ରିକେଟ, ଭଲିବଲ, ଫୁଟବଲ ଖେଳିଥାନ୍ତି। ବିଭିନ୍ନ ବିଦ୍ୟାଳୟର ବାର୍ଷିକ କ୍ରୀଡା, ବ୍ଲକସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ମଧ ଏଠାରେ ପ୍ରଶାସନ ପକ୍ଷରୁ ହୋଇଥାଏ। ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ପ୍ରଶାସନ ପଦକ୍ଷେପ ନେଇ ପଡିଆ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ଲାଗି ସାଧାରଣରେ ଦାବି ହେଉଛି।

■ ୫ ବର୍ଷ ପରେ ନେଦରଲାଣ୍ଡରେ

# ନିଖୋଜ ପୁଅକୁ ପାଇଲେ ବାପା

ମାଲକାନଗିରି,୨୦ା୧୧ (ଡି.ଏନ୍.ଏ./ସ୍ୱ.ପ୍ର.)

ମାଲକାନଗିରି ଜିଲାରେ ଗତ ୧୯୯୦ରେ ଶ୍ରୀଲଙ୍କାରୁ ବିତାଡିତ ହୋଇଥିବା ତାମିଲ ଶରଣାର୍ଥୀଙ୍କୁ ମାଲକାନଗିରିରେ ସେତେବେଳେ କେନ୍ଦ୍ର ସରକାର ଥଇଥାନ କରିଥିଲେ। ସେ ସମୟରେ ଏଲ୍‌ଟିଟି ସକ୍ରିୟ ଥିବା ବେଳେ ଶ୍ରୀଲଙ୍କାରେ ଗୃହଯୁଦ୍ଧ ତୀବ୍ର ହୋଇଥିଲା । ପ୍ରାୟ ୬୦ ପରିବାରକୁ କେନ୍ଦ୍ର ସରକାର ମାଲକାନଗିରିରେ ତାମିଲ କ୍ୟାମ୍ପ ନିର୍ମାଣ କରି ଥଇଥାନ କରିଥିଲେ। ୧୯୯୦ରେ କେ. ରବିଚନ୍ଦ୍ରନ ନାମକ ଜଣେ ବ୍ୟକ୍ତି ଶ୍ରୀଲଙ୍କାରୁ ଚାଲି ଆସି ମାଲକାନଗିରିରେ ଥଇଥାନ ହୋଇଥିଲେ । ପରେ ସେ ୧୯୯୩ରେ ଚେନ୍ନାଇ ଏବଂ ସେଠାରୁ ୨୦୧୪ରେ ଶ୍ରୀଲଙ୍କା ଚାଲି ଯାଇଥିଲେ । ତେବେ ସେହି ସମୟରେ ସେ ତାଙ୍କ ପୁଅ ସନ୍ ସିଗିଡିଆନଙ୍କୁ ପାଇ ନ ଥିଲେ । ପରେ ୨୦୧୫ରେ ଭାରତକୁ ଫେରି ଆସିଥିଲେ । ପରେ ଚେନ୍ନାଇରେ ସେ ପୁଅର ନିଖୋଜ ରିପୋର୍ଟ ଦେଇଥିଲେ । ତେବେ ପୁଅ ମଧ ବାପାକୁ ଖୋଜିବା ପାଇଁ ଚେଷ୍ଟା କରି ଭାରତୀୟ ରେଡକ୍ରସର ସହାୟତା ନେଇଥିଲେ । ପରେ ବାପାଙ୍କ ବିଷୟରେ ସମସ୍ତ ତଥ୍ୟ ସଂଗ୍ରହ କରିବା ପରେ ବାପା ମାଲକାନଗିରିରେ ଥିବା ରେଡକ୍ରସ ପକ୍ଷରୁ ଜାଣିବାକୁ ପାଇଥିଲେ। ଏନେଇ ରେଡକ୍ରସ ପକ୍ଷରୁ ମାଲକାନଗିରି ରେଡକ୍ରସ ଶାଖାକୁ ଘଟଣାର ଅନୁସନ୍ଧାନ କରି ରିପୋର୍ଟ ଦେବାକୁ କୁହାଯାଇଥିଲା। ମାଲକାନଗିରି ରେଡକ୍ରସ ଶାଖାର ମୁଖ୍ୟ ରଞ୍ଜନ କୁମାର ସ୍ୱାଇଁ ଓ ଆଶିଷ ରାଠୋଡ୍ ତାମିଲ କ୍ୟାମ୍ପ ଯାଇ ତାମିଲ କ୍ୟାମ୍ପର ମୁଖ୍ୟ ପ୍ରଭାକରନଙ୍କ ସହ ଏ ସମ୍ପର୍କରେ ଆଲୋଚନା କରି ସମସ୍ତ ବିବରଣୀ ସଂଗ୍ରହ କରି ଏହାର ଫଟୋ ସହ ସମସ୍ତ ତଥ୍ୟ ନୂଆଦିଲ୍ଲୀ ରେଡକ୍ରସକୁ ପଠାଇଥିଲେ। ନୂଆଦିଲ୍ଲୀ ରେଡକ୍ରସ ଭବନଠାରେ ପୁଅ ସନ୍ ସିଗିଡିଆନ୍ ବାପାଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ। ବୁଧବାର ଭିଡିଓ କଲ ମାଧ୍ୟମରେ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ଅମରେଶ ନାୟକଙ୍କ ସମ୍ମୁଖରେ ବାପପୁଅଙ୍କ କଥାବାର୍ତ୍ତା ହୋଇଥିଲା। ଏହି ସମୟରେ ପୁଅ ନେଦରଲାଣ୍ଡରେ ଥିବା ପ୍ରକାଶ କରିଥିଲେ।



ଭିଡିଓ କନଫରେନ୍ସ ମାଧ୍ୟମରେ ବାପା ପୁଅ କଥାବାର୍ତ୍ତା ହେଉଛନ୍ତି ।



ଗ୍ରାମରେ ପହଞ୍ଚି ଥିବା ପଡିଆ ଡାକ୍ତର ଟିମ୍।

## କାଟନପାଲିରେ ପହଞ୍ଚିଲା ପଡିଆ ଡାକ୍ତରୀ ଟିମ୍

ପଡିଆ,୨୦ା୧୧(ଡି.ଏନ.ଏ.)

ମଙ୍ଗଳବାର ତାଣ୍ଡବାଇ ପଞ୍ଚାୟତ କାଟାନପାଲି ଗ୍ରାମରେ ଗୋଟିଏ ଦିନରେ ୨୩ରୁ ଉର୍ଦ୍ଧ୍ୱ ଶିଶୁ ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇ ପଡିଥିଲେ । ଅବସ୍ଥା ଗୁରୁତର ହେବାରୁ ଶିଶୁମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଏମଭି-୭୯ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସା କରାଯିବା ସହ ଶିଶୁମାନଙ୍କ ରକ୍ତ ପରୀକ୍ଷା କରାଯାଇଥିଲା । ତେବେ ଏହି ଘଟଣା ପରେ କାଟନପାଲି ଗ୍ରାମକୁ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଡାକ୍ତରୀ ଟିମ୍ ପହଞ୍ଚିଛନ୍ତି। ଏହି ଟିମ୍ ଗ୍ରାମର ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ଡାକ୍ତର କ୍ଷିପର ରଇତାଙ୍କ ନେତୃତ୍ୱରେ ଫାର୍ମାସିଷ୍ଟ ତାପସ ମଣ୍ଡଳ, ବିପିଓ ଶ୍ରୀମନ୍ତ ଅତିବୁଡି, ରାକେଶ ବେପାରି, ମଧୁସୁଦନ ମାଝି, ମୋଚିରାମ ସ୍ୱାଇଁ, ଅକ୍ଷୟ ଦାସ ଶିଶୁମାନଙ୍କ ଚିକିତ୍ସା କରିବା ସହ ସେମାନଙ୍କ ରକ୍ତ ଓ କଫ ଆଦି ପରୀକ୍ଷା କରିଥିଲେ । ଡାକ୍ତରୀ ଟିମ୍ ଗ୍ରାମର ପ୍ରତ୍ୟେକ ଘର ବୁଲି ଲୋକଙ୍କୁ ସଚେତନ କରାଇଥିଲେ ।

## ଆତ୍ମସମର୍ପଣକାରୀ ମାଓବାଦୀଙ୍କ ଦାବିପତ୍ର

ମାଲକାନଗିରି,୨୦ା୧୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଆଦିବାସୀ ବିକାଶ ପରିଷଦ ଅଧକ୍ଷ ମାନସ ମାଡକାମିଙ୍କୁ ଜିଲାର ଆତ୍ମସମର୍ପଣକାରୀ ମାଓବାଦୀମାନେ ଏକ ଦାବିପତ୍ର ଦେଇଛନ୍ତି। ସେମାନଙ୍କୁ ମୌଳିକ ସୁବିଧା ସୁଯୋଗ ଦେବାରେ ଅବହେଳା କରାଯାଉଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ପୋଲିସ ନିକଟରେ ୨୦୧୬ରୁ ଏପର୍ଯ୍ୟନ୍ତ ଶତାଧିକ ଆଦିବାସୀ ଆତ୍ମସମର୍ପଣ କରିଥିବା ବେଳେ ଏଯାଏ ସେମାନଙ୍କୁ ଉପଯୁକ୍ତ ଥଇଥାନ କରାଯାଇନାହିଁ। ସାମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଉଦ୍ଦେଶ୍ୟରେ ଏମାନେ ବନ୍ଧୁକ ଛାଡି ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ପ୍ରାୟ ୩ଶହ ଯୁବତୀ ଯୁବକ ମାଓବାଦୀ ସଙ୍ଗଠନ ଛାଡି ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ସେ ସମୟରେ ସେମାନଙ୍କୁ କିଛି ଆର୍ଥିକ ସହାୟତା ମିଳିଥିଲା। ଏମାନଙ୍କୁ ସ୍ୱାଭିମାନର ସହ ବଞ୍ଚିବା ଲାଗି ଉତ୍ତମ ଥଇଥାନ ସହ ସରକାରୀ ଘର ଓ ବ୍ୟବସାୟ ପାଇଁ ଦୋକାନଗୃହ ଯୋଗାଇ ନ ଦେଲେ ଆଗାମୀ ଦିନରେ ପୁଣି ଏମାନେ ପଥଭ୍ରଷ୍ଟ ହେବାର ଆଶାଙ୍କ ରହିଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସେମାନଙ୍କ ଦାବି ପ୍ରତି ଗୁରୁତ୍ୱ ଦେଇ ସରକାରଙ୍କ ଦ୍ୱାରା କିଭଳି ସହାୟତା କରାଯାଇପାରିବ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମାଡକାମି କହିଛନ୍ତି।



ପ୍ରଶାସନକୁ ଦାବିପତ୍ର ଦେବାକୁଆସିଥିବା ଆତ୍ମସମର୍ପଣକାରୀ ମାଓବାଦୀମାନେ ।

### ଆହାରକେନ୍ଦ୍ର ପରିଚାଳନା କାର୍ଯ୍ୟ ଅବଧି ବଢ଼ାଇଲେ ସରକାର

ମାଲକାନଗିରି,୨୦ା୧୧ (ଡି.ଏନ୍.ଏ.)–

ମାଲକାନଗିରି ଜିଲା ସଦର ମହକୁମା ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଆହାର କେନ୍ଦ୍ରକୁ ରାଜ୍ୟ ସରକାର ପ୍ରଶଂସା କରିଛନ୍ତି। ଏଥିସହ ଆଗାମୀ ୨୦୨୨ ପର୍ଯ୍ୟନ୍ତ ଆହାର କେନ୍ଦ୍ର ଚଳାଇବା ପାଇଁ ପରିଚାଳକଙ୍କୁ ଅନୁମତି ଦେଇଛନ୍ତି। ଏହି ଆହାର କେନ୍ଦ୍ରକୁ ଆରତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗତ ୩ବର୍ଷ ଧରି ପରିଚାଳନା କରି ଆସୁଛନ୍ତି। ଗୋଷ୍ଠୀ ପକ୍ଷରୁ ଲୋକଙ୍କୁ ଉତ୍ତମମାନର ଖାଦ୍ୟ ଦେବା ସହ କେନ୍ଦ୍ର ପରିସର ସଫାସୁତୁରା ରଖିବା ଏବଂ ସରକାରଙ୍କ ସମସ୍ତ ନିୟମ ପାଳନ କରିଛନ୍ତି। ଫଳରେ ସରକାର ଏହି ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଶଂସାପତ୍ର ପ୍ରଦାନ କରି ଆହୁରି ୩ବର୍ଷ ଆହାରକେନ୍ଦ୍ର ପରିଚାଳନା କରିବାକୁ ସମ୍ମତି ଦେଇଛନ୍ତି।

## ଅଜଣା ରୋଗ ସମ୍ପର୍କରେ ସ୍ୱାସ୍ଥ୍ୟବିଭାଗ ନିକଟରେ ନାହିଁ ଠିକ ତଥ୍ୟ

କାଲିମେଳା,୨୦ା୧୧(ଡି.ଏନ.ଏ.)

ମାଲାକନଗିରି ଜିଲା କାଲିମେଳା ବ୍ଲକରେ ଗୋଟିଏ ପରେ ଗୋଟିଏ ଗ୍ରାମରେ ଅଜଣା ରୋଗ ଦେଖାଦେବା ଘଟଣା ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢାଇ ଦେଇଛି । କିଛି ଦିନ ତଳେ ତାମନପାଲି ଗ୍ରାମରେ ଏହି ରୋଗରେ ଆକ୍ରାନ୍ତ ହୋଇ ୬ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଣି କାଟନପାଲି ଗ୍ରାମରେ ଏକା ଥରକେ ୨୩ ଶିଶୁ ଆକ୍ରାନ୍ତ ହେବା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଗ୍ରାମର ୩ ମାସରୁ ୬ ବର୍ଷ ବୟସର ଶିଶୁ ସଂକ୍ରମଣଜନିତ ଥଣ୍ଡା,କାଶ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ରୋଗର କାରଣ ନେଇ ସ୍ୱାସ୍ଥ୍ୟବିଭାଗ ନିକଟରେ ସଠିକ ତଥ୍ୟ ନାହିଁ। ଥଣ୍ଡା ଓ ନିମୋନିଆ ଜ୍ୱର କହି ବିଭାଗ ନିଜକୁ ସମସ୍ୟାଠାରୁ ଦୂରେଇ ରଖୁଛି। ଏପରି ସ୍ଥିତିରେ ଗ୍ରାମବାସୀ କିଛି ଉପାୟ ନ ପାଇ ଦେଶୀ ଚିକିତ୍ସା ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି।

## ୬ଶହ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି,୨୦ା୧୧ (ଡି.ଏନ୍.ଏ.)

ରାଜସ୍ଥାନକୁ ଗଞ୍ଜେଇ ଚୋରାଚାଲାଣ ବେଳେ ମାଲକାନଗିରି ଜିଲା ସଦର ପୋଲିସ ପକ୍ଷରୁ ଏହାକୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ସେ ମଧ୍ୟପ୍ରଦେଶ ରାଜ୍ୟ ରାମପୁର ବୃନ୍ଦାବସ ଗ୍ରାମର ମଦନଲାଲ ସୂର୍ଯ୍ୟବଂଶୀ ବୋଲି ଜଣାପଡିଛି। ଏ ସମ୍ପର୍କରେ ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେଇ କହିଛନ୍ତି ଯେ, ବୁଧବାର ସକାଳେ ଏସ୍‌ଆଇ ରୁଦ୍ରମାଧବ ମୁଦୁଲି କର୍ମଚାରୀଙ୍କ ସହ ମାଲକାନଗିରି-ସୁକୁମା ରାସ୍ତା ରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଟ୍ରକ ଉପରେ ସନ୍ଦେହ ହୋଇଥିଲା। ଏହାକୁ ଅଟକାଇ ଯାଞ୍ଚ କରିବାରୁ ୨୪ଟି ପ୍ଲାଷ୍ଟିକ ବ୍ୟାଗରେ ଥିବା ୬ଶହ କେଜି ଗଞ୍ଜେଇ ମିଳିଥିଲା। ଟ୍ରକ ଡ୍ରାଇଭର ସୂର୍ଯ୍ୟବଂଶୀଙ୍କୁ ଗିରଫ କରାଯାଇଥିଲା। ସେ ଏହି ଗଞ୍ଜେଇ ରାଜସ୍ଥାନ ନେଉଥିବା ପଚରାଉଚରା ବେଳେ ପ୍ରକାଶ କରିଛନ୍ତି। ଜବତ ଗଞ୍ଜେଇର ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ନାଗ କହିଛନ୍ତି। ସୂଚନାଯୋଗ୍ୟ ଯେ, ଏବେ ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳରେ ହୋଇଥିବା ଗଞ୍ଜେଇ ଚାଷ ଉପରେ ପୋଲିସ ଓ ଅବକାରୀ ବିଭାଗ କଡା ନଜର ରଖିଛି। ବିଭିନ୍ନ ସ୍ଥାନରେ ଚଢାଉ କରି ଗଞ୍ଜେଇ ଗଛ ନଷ୍ଟ କରିବା ସହ ସେଗୁଡ଼ିକୁ କର୍ମଚାରୀମାନେ ନିଆଁ ଲଗାଇ ପୋଡି ଦେଉଛନ୍ତି।



ଜବତ ଗଞ୍ଜେଇ ଏବଂ ଗିରଫ ଅଭିଯୁକ୍ତ ।

### ଟଙ୍କା ଉଠାଣ ପାଇଁ ଗ୍ରାହକ ସେବା କେନ୍ଦ୍ରରେ ଭିଡ଼

ଚିତ୍ରକୋଣ୍ଡା,୨୦ା୧୧(ଡି.ଏନ.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ବ୍ୟାଙ୍କ ଲାଇନସ୍ଥିତ ଗ୍ରାହକ ସେବା କେନ୍ଦ୍ରରେ ଟଙ୍କା ଉଠାଣ ପାଇଁ ଭିଡ଼ ଦେଖିବାକୁ ମିଳୁଛି। ଚିତ୍ରକୋଣ୍ଡା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ଦ୍ୱାରା ପରିଚାଳିତ ଏହି ସେଣ୍ଟରରୁ ୧୦ ହଜାର ପର୍ଯ୍ୟନ୍ତ ଟଙ୍କା ଉଠାଇବା ବ୍ୟବସ୍ଥା ହୋଇଛି। ଅପ୍ୟପକ୍ଷରେ ଷ୍ଟେଟବ୍ୟାଙ୍କ ଏଟିଏମ ବାରମ୍ବାର ଖରାପ ହେଉଥିବାରୁ ଲୋକେ ଗ୍ରାହକ ସେବା କେନ୍ଦ୍ର ଉପରେ ଅଧିକ ନିର୍ଭର କରୁଛନ୍ତି। ସେବାକେନ୍ଦ୍ରରେ ଟଙ୍କା ଜମା, ଉଠାଣ ଓ ଆକାଉଣ୍ଟ ଖୋଲିବା ସୁବିଧା ରହିଛି। ସେବାକେନ୍ଦ୍ରକୁ ସିମାଞ୍ଚଳ ପାଢୀ ପରିଚାଳନା କରୁଛନ୍ତି।

■ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ

## ମାଲକାନଗିରିର ୫ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା



ସାହିତ୍ୟ ସମ୍ମିଳନୀରେ ଜଣେ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ମାଲକାନଗିରି ,୨୦ା୧୧(ସ୍ୱ.ପ୍ର.)

ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ପକ୍ଷରୁ ବ୍ରହ୍ମପୁରଠାରେ ଆୟୋଜିତ ଏକ ଉତ୍ସବରେ ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ମିଳନୀର ମାଲକାନଗିରି ଶାଖା ସଭାପତି କିଶୋର ଚନ୍ଦ୍ର ପ୍ରଧାନ ନେତୃତ୍ୱରେ ଏକ ୭ଜଣିଆ କମିଟି ବ୍ରହ୍ମପୁରରେ ପହଞ୍ଚି ହରିଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପୋଲାଭରମ୍ ପ୍ରକଳ୍ପର ସ୍ଥାୟୀ ସମାଧାନ ସହ ସୀମାନ୍ତବାସୀଙ୍କ ଉପରେ ଆନ୍ଧ୍ର ସରକାରଙ୍କ ନଜର ଯୋଗୁ ସୃଷ୍ଟି ହେଉଥିବା ବିବାଦର ପ୍ରତିକାର ଲାଗି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାଲକାନଗିରି ଜିଲାର ସାହିତ୍ୟିକ କରୁଣାକର ମଲ୍ଲିକ, ବଳରାମ ପୂଜାରୀ, ଆଭାରାଣୀ ବିଶ୍ୱାଳ, କାଲିମେଳାର ଧରିତ୍ରୀ ଖବରଦାତା ଜୀବନକୃଷ୍ଣ ଦାସ ଏବଂ ଶିକ୍ଷାବିତ୍ ରଜନୀକାନ୍ତ ନାୟକଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ।

## ଭୁଜାଲି ଦେଖାଇ ୪୫ ହଜାର ଲୁଟ୍

ବୈଶିଙ୍ଗା,୨୦ା୧୧–

ବୈଶିଙ୍ଗା ଥାନା ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ୨ଟା ସମୟରେ ବୈଶିଙ୍ଗାଠାରେ ଥିବା ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ମ୍ୟାନେଜର ଆମଗଡ଼ିଆ ଗ୍ରାମକୁ ଋଣ ଅର୍ଥ ଆଦାୟ କରିବାକୁ ଯାଇଥିଲେ। ସେଠାରୁ ବାଇକ ଯୋଗେ ଫେରୁଥିବା ସମୟରେ ୩ ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କୁ ଧକ୍କା ମାରି ତଳେ ପକାଇ ଦେଇଥିଲେ। ପରେ ଭୁଜାଲି ଦେଖାଇ ତାଙ୍କଠାରୁ ଆଦାୟ ହୋଇଥିବା ୪୫ ହଜାର ଟଙ୍କା ଛଡ଼ାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି।

## ଜଙ୍ଗଲ ଅଧିକାର ଆଇନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

ଖଇରପୁଟ, ୨୦ା୧୧ (ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକର ବଣ୍ଡା ବିଶ୍ରାମାଗାରଠାରେ ବଣ୍ଡା ଉନ୍ନୟନ ସଂସ୍ଥା ଓ ଦିଦାୟୀ ଉନ୍ନୟନ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଜଙ୍ଗଲ ଅଧିକାର ଆଇନ-୨୦୦୭ ସମ୍ପର୍କିତ ଏକ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ଥାନୀୟ ସରପଞ୍ଚ ଓ ପ୍ରତି ଗ୍ରାମର ଜଙ୍ଗଲ ସୁରକ୍ଷା ଅଧିକାରୀ, ବଣ୍ଡା ଓ ଦିଦାୟୀ ଉନ୍ନୟନ ସଂସ୍ଥା କର୍ମକର୍ତ୍ତାମାନେ ଉପସ୍ଥିତ ରହି ଜଙ୍ଗଲ ଅଧିକାର ଆଇନ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ଜଙ୍ଗଲ ଅଧିକାର ଆଇନ ବିଷୟ ସମସ୍ତେ ସଚେତନ ହେଲେ ଜଙ୍ଗଲ ଜମିର ଗୋଷ୍ଠୀଗତ ଅଧିକାର ସମ୍ପର୍କରେ ବଣ୍ଡା ଓ ଦିଦାୟୀ ଜନଜାତି ସେମାନଙ୍କ ନ୍ୟାଯ୍ୟ ଦାବି ହାସଲ କରିପାରିବେ ବୋଲି ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ବଣ୍ଡା ଉନ୍ନୟନ ସଂସ୍ଥାର ଦେବେନ୍ଦ୍ର ମାହାରୀ, ପ୍ରକଳ୍ପ ପରିଚାଳକ ଦୀପକ କୁମାର ମହାରଣା, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଯୁଗଳ କିଶୋର ରଣସିଂ, ସାମାଜିକ ସଙ୍ଗଠକ ସନ୍ତୋଷ କୁମାର ରାଉତ, ଦିଦାୟୀ ଉନ୍ନୟନ ସଂସ୍ଥା ଡିଡିଏର ସ୍ୱତନ୍ତ୍ର ଅଧିକାରୀ ବିଷ୍ଣୁଚରଣ ବଣିକ ଓ ସଙ୍ଗଠକ ସୁନୀଲ କୁମାର ଡୁନା ଶିବିର ପରିଚାଳନା କରିଥିଲେ।




ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି ।

## ଚିତ୍ରକୋଣ୍ଡା ଡାକ୍ତରଖାନା ପରିଦର୍ଶନ କଲେ ରାଜ୍ୟସ୍ତରୀୟ ଟିମ

ଚିତ୍ରକୋଣ୍ଡା,୨୦ା୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ବୁଧବାର ରାଜ୍ୟସ୍ତରୀୟ ଟିମ୍ ପରିଦର୍ଶନ କରିଛନ୍ତି। ଟିମ୍‌ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ, ଆଇଡିଏସପି ଡାକ୍ତର ଏକେ ପାଇକରାୟ, ରାଜ୍ୟ ଆକାଉଣ୍ଟସ କୋର୍ଡ଼ିନେଟର, ୟୁନିସେଫର ଗୌତମ ପଟ୍ଟନାୟକ, ମାଲକାନଗିରି ଜିଲା ପ୍ରକଳ୍ପ ପରିଚାଳକ ସୁଦୀପ କେଶ, ଜିଲା ଆକାଉଣ୍ଟସ ମ୍ୟାନେଜର ସର୍ବେଶ୍ୱର ପ୍ରଧାନ ପ୍ରମୁଖ ଥିଲେ। ଟିମ୍ ଚିକିତ୍ସାଳୟ ରେ ପହଞ୍ଚି ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ ଓ ଆକାଉଣ୍ଟାଣ୍ଟ ରାଜେନ୍ଦ୍ର ଦାଶଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ନଥିପତ୍ର, କ୍ୟାସ ବୁକ, ଲେଜର, ଭାଉଚର ଫାଇଲ, ଦୈନିକ ଉପସ୍ଥାନ, ମାସିକ ପ୍ରଗତି ଯାଞ୍ଚ କରିଥିଲେ। ବିଭିନ୍ନ ୱାର୍ଡ, ଲେବର ରୁମ, ଅସ୍ତ୍ରୋପଚାର କକ୍ଷ, ଲାଟ୍ରିନ ବ୍ୟବସ୍ଥା, ପାଣି ବ୍ୟବସ୍ଥା, ଔଷଧ ବିତରଣ କେନ୍ଦ୍ର, ମାଆ ଗୃହ ବୁଲିଥିଲେ। ସ୍ୱଚ୍ଛତା ଓ ମେଡିକାଲ ପରିସର ସଫା ସୁତରା ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କର୍ମଚାରୀମାନେ ଚିକିତ୍ସାଳୟରେ ଡାକ୍ତର ଅଭାବ, ସେବିକା ଅଭାବ, ଡେପୁଟିସନରେ ଯାଇଥିବା କର୍ମଚାରୀଙ୍କୁ ଫେରାଇ ଆଣିବା ଲାଗି ଟିମ୍ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଟିମ୍ ଉଚ୍ଚ ଅଧିକାରୀଙ୍କୁ ଜଣାଇବା ସହ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ।



ଡାକ୍ତରଖାନା ପରିଦର୍ଶନରେ ଆସିଥିବା ରାଜ୍ୟସ୍ତରୀୟ ଟିମ୍ ।

